

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

(କମ୍ ପ୍ରିମିୟମ ଦର, ଅଧିକ ଲାଭ)

## ସକ୍ଷମ କୃଷକ, ସମୃଦ୍ଧ ଭାରତ

### କୃଷକମାନଙ୍କୁ ସୁରକ୍ଷା

➤ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କୃଷକମାନଙ୍କ ପାଇଁ ସରକାର ତରଫରୁ ବର୍ତ୍ତମାନ ପର୍ଯ୍ୟନ୍ତ ସର୍ବୋତ୍କୃଷ୍ଟ ଅବଦାନ ।

➤ କୃଷକମାନଙ୍କ ପାଇଁ ସର୍ବନିମ୍ନ ପ୍ରିମିୟମ୍ ଦର-ଗୋଟିଏ ଫସଲ ଗୋଟିଏ ପ୍ରିମିୟମ୍ (ଖରିଫ୍-୨ ପ୍ରତିଶତ, ରବି-୧.୫ ପ୍ରତିଶତ, ବାର୍ଷିକ ଉଦ୍ୟାନ ଫସଲ କିମ୍ବା ବ୍ୟବସାୟିକ ଫସଲ-୫ ପ୍ରତିଶତ ।

➤ ସମ୍ପୂର୍ଣ୍ଣ ସୁରକ୍ଷା - ସର୍ବମୋଟ୍ ବୀମା ଅର୍ଥରେ କୌଣସି ପ୍ରକାର କମିବା କିମ୍ବା ବଢ଼ିବାର ସୀମା ରହିବ ନାହିଁ ।

➤ ଆଖୁ ଚାଷୀମାନଙ୍କ ପାଇଁ ସରକାରଙ୍କ ପ୍ରଭାବଶାଳୀ ନୀତି - ବକେୟା ଅର୍ଥ ୨୧୦୦୦ କୋଟିରୁ କମିଯାଇ ବର୍ତ୍ତମାନ ୨୫୦୦ କୋଟିକୁ ଆସିଯାଇଛି, ରପ୍ତାନୀ ଦରରେ ବୃଦ୍ଧି ଘଟିଛି ।

➤ ପ୍ରାକୃତିକ ବିପର୍ଯ୍ୟୟ ସୁରକ୍ଷା ମାନଦଣ୍ଡ - କ୍ଷତିପୂରଣ ଦେଢ଼ଗୁଣ ବୃଦ୍ଧି ପାଇଛି, ଯୋଗ୍ୟ ବିବେଚିତ ମାନଦଣ୍ଡ ୫୦ ପ୍ରତିଶତ ରୁ ୩୩ ପ୍ରତିଶତକୁ ଖସି ଆସିଛି, ସରକାରୀ କିଣାବିକାରେ ରିହାତି ହୋଇଛି, ଋଣ ସୁଝିବା ସମୟ ସୀମାରେ ପରିବର୍ତ୍ତନ ହୋଇଛି । ଡ଼ିଜେଲ୍‌ରେ ସବ୍‌ସିଡ଼ି ମିଳିବା ସହିତ ବିହନ ସବ୍‌ସିଡ଼ିରେ ୫୦ ପ୍ରତିଶତ ବୃଦ୍ଧି ଘଟିଛି । ଚାଷୀମାନେ ସହଜରେ ଋଣ ପାଇପାରିବା ନିମନ୍ତେ କୃଷିଋଣ ସୀମାକୁ ୮.୫ ଲକ୍ଷ କୋଟିକୁ ବୃଦ୍ଧି କରାଯାଇଛି ।

➤ ବିଶ୍ୱ ବ୍ୟବସାୟ ସଂଗଠନରେ-କୃଷକମାନଙ୍କର ଦୀର୍ଘକାଳୀନ ସୁଧ ସୁରକ୍ଷା ବ୍ୟବସ୍ଥା ରହିଛି ।

ଫସଲ ବୀମା ପାଇଁ ନିଜର ନିକଟତମ ବ୍ୟାଙ୍କ୍ ଶାଖା, କୃଷି ସହକାରିତା ସମିତି, ବୀମା କମ୍ପାନୀ ବା ସେମାନଙ୍କର ପ୍ରତିନିଧିଙ୍କ ସହିତ ସମ୍ପର୍କ କରନ୍ତୁ ।

* ଅଧିକ ଜାଣିବା ପାଇଁ : http : agri-insurance.gov.in ଦେଖନ୍ତୁ ।

**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**




# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

(କମ୍ ପ୍ରିମିୟମ ଦର, ଅଧିକ ଲାଭ)


## ଫସଲ ବୀମା କଣ ?

କୃଷକମାନଙ୍କୁ ଫସଲ ସମ୍ପର୍କିତ ବିଭିନ୍ନ କ୍ଷୟକ୍ଷତି ଠାରୁ ସୁରକ୍ଷା ଦେବା ପାଇଁ ଫସଲ ବୀମା ଏକ ମାଧ୍ୟମ ରୂପେ କାମ କରେ । ଏହାଦ୍ୱାରା କୃଷକମାନଙ୍କୁ ବିଭିନ୍ନ ଆକସ୍ମିକ ପ୍ରାକୃତିକ ଦୁର୍ବିପାକ ଦ୍ୱାରା ହେଉଥିବା କ୍ଷତି ପାଇଁ କ୍ଷତି ପୂରଣ ଦିଆଯାଇଥାଏ ।

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ବିଶେଷତ୍ୱ :**

➤ ରାଜ୍ୟ କିମ୍ବା ଉପଦ୍ୱୀପ ଦ୍ୱାରା ଅଧିସୂଚିତ ଶସ୍ୟ ଜାତୀୟ ଫସଲ, ତୈଳବୀଜ ଫସଲ, ଉଦ୍ୟାନ ଫସଲ କିମ୍ବା ବ୍ୟବସାୟିକ ଫସଲ ପାଇଁ ଏବଂ ଉପରୋକ୍ତ ଫସଲ ଚାଷ କରୁଥିବା କୃଷକମାନଙ୍କ ପାଇଁ ଏହି ବୀମା ଉପଲବ୍ଧ ।

➤ ଏହି ବୀମା କିଷାନ୍ କ୍ରେଡ଼ିଟ୍ କାର୍ଡ଼ଧାରୀ ଚାଷୀମାନଙ୍କ ପାଇଁ ବାଧ୍ୟତାମୂଳକ ଏବଂ ଅନ୍ୟ ଚାଷୀ ନିକଟତମ ବ୍ୟାଙ୍କ୍ କିମ୍ବା ସ୍ଥାନୀୟ ବୀମା କମ୍ପାନୀର ଅଭିକର୍ତ୍ତା ଦ୍ୱାରା ବୀମା ଅନ୍ତର୍ଭୁକ୍ତ ହୋଇପାରିବେ ।

➤ ପ୍ରାକୃତିକ ଦୁର୍ବିପାକ ଦ୍ୱାରା ହେଉଥିବା କ୍ଷତିକୁ ଆକଳନ କରିବା ପାଇଁ ଚାଷୀମାନଙ୍କ ପାଇଁ ଏହି ଯୋଜନାରେ ବ୍ୟବସ୍ଥା ରହିଛି । ଠିକ୍ ସେହିପରି ବାତ୍ୟା ଏବଂ ଅସମୟ ବର୍ଷା ଯୋଗୁଁ ଅମଳ ପରେ କ୍ଷେତରେ ପଡ଼ିରହିଥିବା ଫସଲ ପାଇଁ ୧୪ ଦିନ ଭିତରେ କ୍ଷତିପୂରଣ ଆକଳନ ବ୍ୟବସ୍ଥା ରହିଛି ।

➤ ବୀମା କରିଥିବା ଚାଷୀ ବୁଣା କାର୍ଯ୍ୟ ପାଇଁ ଆବଶ୍ୟକ ପରିମାଣର ଅର୍ଥ ଖର୍ଚ୍ଚ କରିସାରିବା ପରେ ଯଦି ପ୍ରତିକୂଳ ଜଳବାୟୁ ସକାଶେ ବିହନ ବୁଣାରେ ଅସମର୍ଥ ହୁଏ ତେବେ ଚାଷୀ ତାର ସର୍ବମୋଟ ବୀମା ଅର୍ଥର ୨୫ ପ୍ରତିଶତ କ୍ଷତିପୂରଣ ଦାବି ପାଇଁ ନିୟମ କରାଯାଇଛି ।

**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**



# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

(କମ୍ ପ୍ରିମିୟମ ଦର, ଅଧିକ ଲାଭ)

## ଯୋଜନା ସମ୍ପର୍କରେ ବିଶେଷ ତଥ୍ୟ

- ବର୍ତ୍ତମାନ ସୁଦ୍ଧା ହୋଇଥିବା ଫସଲବୀମା ଯୋଜନା ଗୁଡ଼ିକ ମଧ୍ୟରେ ଏହା ସବୁଠୁ ବୃହତ୍ ଅବଦାନ ଅଟେ ।
- ଫଳତଃ କୃଷକମାନଙ୍କ ପାଇଁ ଏହା ବର୍ତ୍ତମାନ ସୁଦ୍ଧା ସବୁଠାରୁ କମ୍ ପ୍ରିମିୟମ୍ ଦର ହେବ ।
- ବଳକା ପ୍ରିମିୟମ ଭାର ସରକାର ନିଜେ ବହନ କରିବେ - ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ହେଲେ ମଧ୍ୟ ।
- ଶସ୍ୟ ଜାତୀୟ, ଡାଲି ଜାତୀୟ ଓ ତୈଳବୀଜ ଫସଲ ପାଇଁ ପ୍ରଚଳିତ ଥିବା ଭିନ୍ନ ଭିନ୍ନ ପ୍ରିମିୟମ ଦର ବର୍ତ୍ତମାନ ହଟାଇ ଦିଆଯାଇଛି । ବର୍ତ୍ତମାନ ଖରିଫ୍‌ରେ ଏହା ୨ ପ୍ରତିଶତ ଓ ରବିରେ ୧.୫ ପ୍ରତିଶତ ରହିବ ।
- ସମ୍ପୂର୍ଣ୍ଣ ସୁରକ୍ଷା ମିଳିବା - ପ୍ରିମିୟମ ଦର ଉପରେ କେପିଙ୍ଗ୍ ରହିବ ନାହିଁ । ଏହା ଫଳରେ ସର୍ବମୋଟ ବୀମା ଅର୍ଥ କମିବ ନାହିଁ ।
- ପ୍ରଥମ ଥର ପାଇଁ ଜଳ ପ୍ଲାବନକୁ ସ୍ଥାନୀୟ କ୍ଷତି ରୂପେ ଅନ୍ତର୍ଭୁକ୍ତ କରାଯାଇଛି ।
- ଏହି ଯୋଜନାରେ ପ୍ରଥମ ଥର ପାଇଁ ଅସମୟରେ ହେଉଥିବା ବର୍ଷା ତଥା ବାତ୍ୟା ଯୋଗୁ ହେଉଥିବା ଅମଳ ପରବର୍ତ୍ତୀ କ୍ଷତି ଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି ।
- ଏହି ଯୋଜନାରେ ସଠିକ୍ ଅମଳ ନିରୂପଣ ତଥା କମ୍ ସମୟରେ ଦାବି ପୂରଣ ନିମନ୍ତେ ଦୂରଭାଷଯନ୍ତ୍ର ଏବଂ ଉନ୍ନତ ସେଟେଲାଇଟ୍ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ବାଧ୍ୟତାମୂଳକ କରାଯାଇଛି ।

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର

**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**




# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

(କମ୍ ପ୍ରିମିୟମ ଦର, ଅଧିକ ଲାଭ)


## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରକାର ଫସଲ କ୍ଷତି

**ନିମ୍ନଲିଖିତ କ୍ଷତିଗୁଡ଼ିକ ଏହି ଯୋଜନା ଅନ୍ତର୍ଭୁକ୍ତ କରାଯାଇଛି**

- **ଅମଳ କ୍ଷତି ଉପରେ ଆଧାରିତ** - ଏହି ଯୋଜନାରେ ନିଆଁ ଲାଗିବା ବ୍ୟତିତ ବିଜୁଳି ଚମକିବା, ଝଡ଼ଝଞ୍ଜା, କୁଆପଥର ଝଡ଼, ବାତ୍ୟା, ବନ୍ୟା, ଜଳପ୍ଲାବନ, ଦୁର୍ଭିକ୍ଷ, ପ୍ରତିକୂଳ ଜଳବାୟୁ ଏବଂ ଫସଲରେ ହେଉଥିବା ରୋଗ ତଥା ପୋକ ଇତ୍ୟାଦି ବିପର୍ଯ୍ୟୟରୁ ହେଉଥିବା କ୍ଷତି ପାଇଁ କ୍ଷତିପୂରଣ ଦିଆଯିବ ।
- **ବୁଣା ନିବାରଣ ଉପରେ ଆଧାରିତ** - ଯଦି ବୀମା କରିଥିବା ଚାଷୀ ବୁଣା କାର୍ଯ୍ୟ ପାଇଁ ଆବଶ୍ୟକ ଅର୍ଥ ଖର୍ଚ୍ଚ କରିସାରିବା ପରେ ପ୍ରତିକୂଳ ଜଳବାୟୁ ସକାଶେ ବିହନ ବୁଣାରେ ଅସମର୍ଥ ହୁଏ ତେବେ ଚାଷୀ ତାର ସର୍ବମୋଟ ବୀମା ଅର୍ଥର ୨୫ ପ୍ରତିଶତ କ୍ଷତିପୂରଣ ଦାବି କରିପାରିବ ।
- ଅମଳପରେ କ୍ଷେତରେ ପଡ଼ି ରହିଥିବା ଫସଲ ପାଇଁ ଅସମୟରେ ହେଉଥିବା ବର୍ଷା କିମ୍ବା ବନ୍ୟାଜନିତ ବର୍ଷା ଦ୍ୱାରା ପ୍ରଭାବିତ କ୍ଷେତ ଉପରେ ଆଧାର କରି କ୍ଷତିପୂରଣ ଦାବି କରାଯିବ ଏବଂ ସେହି ଅନୁସାରେ କ୍ଷତିପୂରଣ ଦିଆଯିବ ।

**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**